## ରାହାଜାନି ମାମଲା, ୨ ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି,(ଡି.ଏନ.ଏ.)-ଦିଗପହଣ୍ଡି-ରାୟଗଡ଼ା ତପ୍ତପାଣି ରାସ୍ତାରେ ବାଇକ୍ ଆରୋହୀଙ୍କୁ ଆକ୍ରମଣ କରି ଟଙ୍କା ମୋବାଇଲ ଓ ବାଇକ୍ ଲୁଟି ନେବା ଅଭିଯୋଗରେ ପାଟପୁର ପୋଲିସ ୨ ଜଣଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାଟପୁର ଥାନା ଗୁଣ୍ଡରି ଗୁଡାର ଦାଉଦ ମଣ୍ଡଳ ଏବଂ ରାଜପୁର ଗ୍ରାମର ଗୋବିନ୍ଦ ଗମାଙ୍ଗ। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଇ ଦିଆଯାଇଛି। ଗତ ୨୨ ତାରିଖରେ ଖଲିଙ୍ଗି ଗ୍ରାମର ଜିତୁ ବିଶୋଇ ନିଜ ଭଉଣୀଙ୍କ ସହ ତପ୍ତପାଣିରୁ ଫେରୁଥିବା ବେଳେ ରାହାଜାନିର ଶିକାର ହୋଇଥିଲେ। ଏତଲା ପାଇ ପାଟପୁର ପୋଲିସ ତଦନ୍ତ କରି ୬ ଜଣଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରିବା ସହ ଚୋରି ବାଇକ୍ ଓ ମୋବାଇଲକୁ ଜବତ କରିଛି।

### ସଂକ୍ଷେପରେ

## ଅପହୃତା ନାବାଳିକା ଉଦ୍ଧାର କୋର୍ଟରେ ବୟାନ ରେକର୍ଡ

ବ୍ରହ୍ମପୁର ଅଫିସ,୨୬।୧୨-ବ୍ରହ୍ମପୁର ସଦର ଥାନା ପୋଲିସ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ଉଦ୍ଧାର କରିଛି। ଅପହରଣକାରୀ ସାଗର ଦାସଙ୍କୁ ମଧ୍ୟ ପୋଲିସ କାବୁ କରିଛି। ଶନିବାର ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଛି। ସନ୍ଧ୍ୟାରେ ପୋକ୍ସୋ କୋର୍ଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ଶୁକ୍ରବାର ସଦର ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୪୦୦/୨୦ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଶୁକ୍ରବାର ରାତିରେ ପୋଲିସ କବିସୂର୍ଯ୍ୟନଗର ବାଲିଛାଇ ଅଞ୍ଚଳରୁ ଅପହରଣକାରୀଙ୍କୁ ଧରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା।

## ସିପିଆଇର ପ୍ରତିଷ୍ଠା ଦିବସ

ବ୍ରହ୍ମପୁର ଅଫିସ,୨୬।୧୨-ଭାରତୀୟ କମ୍ୟୁନିଷ୍ଟପାର୍ଟିର ୯୫ ତମ ପ୍ରତିଷ୍ଠା ଦିବସ ବ୍ରହ୍ମପୁରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ କମିଟି ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ପାର୍ଟିର ଜିଲା ସମ୍ପାଦକ ପ୍ରକାଶ ପାତ୍ର ଯୋଗଦେଇଥିଲେ। କମ୍ୟୁନିଷ୍ଟ ହିଁ ପୂର୍ଣ୍ଣ ସ୍ୱାଧୀନତାର ଦାବି କଂଗ୍ରେସର ଅହମ୍ମଦାବାଦ ଓ ଗୟା ଅଧିବେଶନରେ ଉଠାଇଥିଲେ। ଦେଶର ସ୍ୱାଧୀନତା ଆନ୍ଦୋଳନକୁ ବଳିଷ୍ଠ କରିବା ପାଇଁ ଚାଷୀ, ଶ୍ରମିକ, ଛାତ୍ର , ପ୍ରଗତିଶୀଳ ଲେଖକ ଓ କଳାକାରମାନଙ୍କୁ ସାମିଲ କରିବା ଲାଗି ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ ନୀତି ବିରୋଧରେ ସଂଗ୍ରାମ ଜାରି ରଖିଛି ବୋଲି ସିପିଆଇ ପକ୍ଷରୁ କୁହାଯାଇଥିଲା। ଏଥିରେ ଦଣ୍ଡପାଣି ସାମଲ, ଯୁବ ସଂଘ ରାଜ୍ୟ ସଭାପତି ପ୍ରଦୀପ ସେଠୀ, ଜିଲା ସମ୍ପାଦକ କାମଦେବ ନାହାକ, ମହମ୍ମଦ ଉସମାନ, ରୋହିତ ବିଷୋୟୀ, ମାଗୁଣୀ ବିଷୋୟୀ ଓ ମହେନ୍ଦ୍ର ପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପ୍ରାରମ୍ଭରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରଶାନ୍ତି ପାଇଯୋଶୀ ପାର୍ଟିର ପତାକା ଉତ୍ତୋଳନ କରିଥିଲେ।

## ଗଞ୍ଜେଇ ଚାଲାଣ, ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି,୨୬।୧୨(ଡି.ଏନ.ଏ.)- ସାନଖେମୁଣ୍ଡି ବ୍ଲକ ଦଶେଇପୁର ଗାଁ ଛକ ନିକଟରୁ ଶନିବାର ଭୋରରେ ପାଟପୁର ପୋଲିସ ୪୫ କେଜି ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପାଟପୁର ଥାନା ଧର୍ମପୁର ଗ୍ରାମର ଲକ୍ଷ୍ମୀକାନ୍ତ ଗୌଡ଼ ଓରଫ କାଳିଆଙ୍କୁ ନଂ. ୩୨୬/୨୦ ଅନୁଯାୟୀ ବ୍ରହ୍ମପୁର ଜିଲା ଜଜ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଛି। ପୋଲିସ ତପ୍ତପାଣି ଇଲାକାରେ ପାଟ୍ରୋଲିଂ ସାରି ଥାନାକୁ ଫେରୁଥିବା ବେଳେ ରାସ୍ତାକଡ଼ରେ ଲକ୍ଷ୍ମୀକାନ୍ତ ଠିଆ ହୋଇଥିଲେ। ପୋଲିସ ଗାଡ଼ି ଦେଖି ଦୌଡିବାରୁ ତାଙ୍କୁ ଧରି ପଚରାଉଚୁରା କରାଯାଇଥିଲା। ସେ ଦୁଇଟି ବସ୍ତାରେ ଗଞ୍ଜେଇ ଭର୍ତ୍ତି କରି ବ୍ରହ୍ମପୁରକୁ ଚାଲାଣ ପାଇଁ ବସ୍‌କୁ ଅପେକ୍ଷା କରିଥିବା କହିଥିଲେ।

## ବାଳସୁଧାର ଗୃହ ଗଲେ ନାବାଳକ

କଦିଗପହଣ୍ଡି, ୨୬।୧୨(ଡି.ଏନ.ଏ.)- ପାଟପୁର ଥାନା ଅଞ୍ଚଳରେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ପୋଲିସ ଜଣେ ନାବାଳକଙ୍କୁ ଶନିବାର ବ୍ରହ୍ମପୁର ସ୍ଥିତ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି। ପ୍ରକାଶ ଯେ, ଗ୍ରାମରୁ ନାବାଳିକା ନିଖୋଜ ନେଇ ତାଙ୍କ ବାପା ପାଟପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୨୫୭/୨୦ରେ ମାମଲା ରୁଜୁ କରି ନାବାଳିକାଙ୍କୁ ଏକ ଇଟା ଭାଟିରୁ ଉଦ୍ଧାର କରିଥିଲା। ସେହି ଗାଁର ଜଣେ ନାବାଳକ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ସେ କହିଥିଲେ। ନାବାଳକ ଜଣକ ଫେରାର ହୋଇଯାଇଥିଲେ। ପୋଲିସ ନାବାଳିକାଙ୍କ ଡାକ୍ତରୀ ମାଇନା ପରେ ପରିବାର ଲୋକେ ନନେବାରୁ ବାଳାଶ୍ରମରେ ଛାଡ଼ି ଦିଆଯାଇଛି।

# ସହରର ଭ୍ରମ ସୃଷ୍ଟି କରୁଛି ଚୈତନ୍ୟପୁର

ଅଶେଷ ନାଥ ମିଶ୍ର
ଦିଗପହଣ୍ଡି,୨୬।୧୨(ଡି.ଏନ.ଏ.)

### ଗାଁ ମଝିରେ ତିଆରି ହୋଇଛି ପାର୍କ


ସାହି ଭିତରେ ଥିବା ପାର୍କ।

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ ଅଧୀନ ଚୈତନ୍ୟପୁର ଗାଁ ଆଜି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ଗାଁ ଏବେ ସହରର ଭ୍ରମ ସୃଷ୍ଟି କରିଛି। ଗାଁ ଭିତରେ ପାର୍କ। ଘର ସମ୍ମୁଖରେ ପଡିଛି ରଙ୍ଗ ବେରଙ୍ଗର ଚେୟାର୍, ସବୁଠି ଲଗାଯାଇଛି ବିଭିନ୍ନ ଡିଜାଇନ୍‌ର ଗଛ, ଏହା ସାଙ୍ଗକୁ ଘର ବାରଣ୍ଡା ବାହାରେ ସିମେଣ୍ଟ ୱାଲ୍ କରାଯାଇ ଗାଁର ସଂସ୍କୃତି ଓ ପରମ୍ପରାକୁ ଚିତ୍ରିତ କରାଯାଇଥିବା ବେଳେ ଅନେକ ଶିକ୍ଷଣୀୟ କଥା କାନ୍ଥଗୁଡ଼ିକରେ ଲେଖାଯାଇଛି, ଯାହା କି ଏବେ ଏହି ଗାଁ, ସହରଗୁଡ଼ିକରେ ଥିବା ପାର୍କର ଭ୍ରମ ସୃଷ୍ଟି କରୁଛି। ସମସ୍ତ ବାସିନ୍ଦାଙ୍କ ଘର ସମ୍ମୁଖରେ ଭଳିକି ଭଳି ଫୁଲଗଛ ଲଗାଯାଇଛି। ଆକର୍ଷଣୀୟ ଚେୟାରରେ ଛୋଟରୁ ବୁଢ଼ା ଯାଏ ବସି ମଜା ନେଉଥିବା ଦେଖିବାକୁ ମିଳିଛି। ମକଦ୍ଦମା ବିହୀନ ଆଦର୍ଶ ଗାଁ ଚୈତନ୍ୟପୁରର ଐତିହ୍ୟ ପରମ୍ପରା ନିଆରା। ତତ୍କାଳୀନ ବଡ଼ଖେମୁଣ୍ଡି (ବର୍ତ୍ତମାନର ଦିଗପହଣ୍ଡି)ର ରାଜା ଚୈତନ୍ୟ ଦେବଙ୍କ ନାଁରେ ଗଢି ଉଠିଥିବା ଏହି ଗାଁ ବାସିନ୍ଦାଙ୍କ ମୁଖ୍ୟ ବେଉସା ଚାଷ। ଭିନ୍ନ ଭିନ୍ନ ଜାତିର ଲୋକେ ଏଠି ବସବାସ କରୁଥିଲେ ମଧ୍ୟ ପରସ୍ପର ସୁଖ ଦୁଃଖରେ ସାମିଲ ହୋଇ ସବୁ ସମସ୍ୟାକୁ ଗାଁ ମୁଖିଆଙ୍କ ଉପସ୍ଥିତିରେ ସମାଧାନ କରାଯାଇଥାଏ। ଘରଠାରୁ ବାରଣ୍ଡା ଲମ୍ବା ରହିଥିଲା କିନ୍ତୁ ରାସ୍ତାଗୁଡ଼ିକ ଅଣଓସାରିଆ ଥିଲା। ବ୍ଲକ ପ୍ରଶାସନର ସହଯୋଗ କ୍ରମେ ଏହି ଗାଁର ଘର ଦାଣ୍ଡ ଓ ସାହି ରାସ୍ତାକୁ ଚାକଚକ୍ୟ କରିବା ନିମନ୍ତେ ସ୍ଥାନୀୟ ସରପଞ୍ଚ ସମସ୍ତ ଗ୍ରାମବାସୀଙ୍କ ଅନୁମତି ନେଇ ଏକ ଡିଟେଲ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ କଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏଠାରେ ଗୋଟିଏ ପାର୍କ କରିବା ପାଇଁ ସରପଞ୍ଚ ଦିଗପହଣ୍ଡି ବିଡିଓ ହଳଧର ଶବରଙ୍କୁ କହିଥିଲେ। ସାହିବାସିନ୍ଦା ତାଙ୍କ ଘର ସମ୍ମୁଖ ରାସ୍ତା ପାର୍କ ଉଦ୍ଦେଶ୍ୟରେ ଛାଡିବା ପାଇଁ ରାଜି ହୋଇଥିଲେ। ଏହା ପରେ ନିର୍ମାଣ କାମ ଆରମ୍ଭ ହୋଇ ରାସ୍ତାରେ ଫେଭର୍ ବ୍ଲକ୍ ପକାଯିବା ସହ ଚେୟାର ଓ ଡିଜାଇନ୍ ଗଛ ଲଗାଇବା ସହିତ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇ ୧୦ ଲକ୍ଷ ଟଙ୍କା ବ୍ୟୟରେ ପାର୍କ ତିଆରି ହୋଇଥିବା ସରପଞ୍ଚ ବି.କ୍ରୀଷ୍ଣା ରାଓ ସୁବୁଦ୍ଧି କହିଥିଲେ। ବିଡିଓ କହିଛନ୍ତି, ରାଜ୍ୟ ସରକାର ଗାଁର ଉନ୍ନତି ପାଇଁ ଅନେକ ପଦକ୍ଷେପ ନେଉଥିବା ବେଳେ ଚୈତନ୍ୟପୁର ଭଳି ବ୍ଲକ ଅଧୀନ ଅନେକ ଗାଁରେ ପୋଖରୀ, ଜଳାଶୟ, ମନ୍ଦିର, ରାସ୍ତାଗୁଡ଼ିକର ସୌନ୍ଦର୍ଯ୍ୟକରଣ କରାଯିବା ସହ ରୁରାଲ ମିନି ପାର୍କ କାର୍ଯ୍ୟ ଦ୍ରୁତଗତିରେ ଚାଲୁ ରହିଛି।

## ନ୍ୟାୟ ପାଇଁ ଡିଆଇଜିଙ୍କ ଦ୍ୱାରସ୍ଥ


ଡିଆଇଜିଙ୍କୁ ଫେରାଦ ହେଉଛନ୍ତି ପରିବାର ଲୋକେ।

ବ୍ରହ୍ମପୁର ଅଫିସ,୨୬।୧୨

### ତିନି ସପ୍ତାହ ହେଲା ଝିଅ ନିଖୋଜ ଘଟଣା

ପୁରୁଷୋତ୍ତମପୁର ଥାନା ଅଞ୍ଚଳର ଏକ ପରିବାର ନିଜ ଝିଅ ନିଖୋଜ ଥିବା ନେଇ ଶନିବାର ଦକ୍ଷିଣାଞ୍ଚଳ ରେଞ୍ଜ ଡିଆଇଜି ସତ୍ୟବ୍ରତ ଭୋଇଙ୍କୁ ଜଣାଇଛନ୍ତି। ଗତ ୪ ତାରିଖରୁ ତାଙ୍କ ଝିଅ ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ସ୍ଥାନୀୟ ପୋଲିସ ଅଦ୍ୟାବଧି କୌଣସି ପଦକ୍ଷେପ ନେଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏକ ମାତ୍ର ଝିଅକୁ ୩ ସପ୍ତାହ ହେଲା ନ ପାଇ ବାପା ଓ ତାଙ୍କ ପରିବାରବର୍ଗ ଶେଷରେ ଡିଆଇଜିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ପଦକ୍ଷେପ ଗ୍ରହଣ କରିବ ବୋଲି ସେ କହିଛନ୍ତି।

ଘଟଣାରୁ ପ୍ରକାଶ, ଗତ ୪ ତାରିଖରେ ବାପା ଓ ତିନି ପୁଅ କୌଣସି କାମରେ ବାହାରକୁ ଯାଇଥିଲେ। ଘରେ ତାଙ୍କ ସ୍ତ୍ରୀ ଓ ଝିଅ ଥିଲେ। ଉକ୍ତ ଦିନ ତାଙ୍କ ପଡୋଶୀଘରର ଜଣେ ମହିଳା ତାଙ୍କ ଘରକୁ ଆସିଥିଲେ। ବ୍ରହ୍ମପୁରରେ କୌଣସି କାମ ପାଇଁ ଝିଅକୁ ନେବାକୁ ମା'ଙ୍କୁ ମହିଳା ଜଣକ କହିଥିଲେ। ପରେ ଝିଅକୁ ସାଥିରେ ନେଇ ବ୍ରହ୍ମପୁର ଯାଇଥିଲେ। ରାତିରେ ବାପା ଓ ପୁଅମାନେ ଘରକୁ ଫେରିଥିଲେ। ପରେ ମା' ଓ ପରିବାର ଲୋକେ ପଡୋଶୀଘରର ସମ୍ପୃକ୍ତ ମହିଳାଙ୍କୁ ନିଜ ଝିଅ କାହିଁ ବୋଲି ପଚାରିଥିଲେ। ଶେଷରେ ମହିଳାଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ପାଇ ସେମାନେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେବଳ ନିଖୋଜ ମାମଲା ରୁଜୁ କରି ଚୁପ ରହିଥିଲା। ଥାନରୁ କୌଣସି ନ୍ୟାୟ ନ ପାଇ ଶେଷରେ ପରିବାରବର୍ଗ ଡିଆଇଜିଙ୍କ ନିକଟରେ ଫେରାଦ ହୋଇଛନ୍ତି।

# ମହାନଗରରେ ବିଜେଡି ପ୍ରତିଷ୍ଠା ଦିବସ



ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜେଡି କର୍ମକର୍ତ୍ତା।

ବ୍ରହ୍ମପୁର ଅଫିସ,୨୬।୧୨

ବ୍ରହ୍ମପୁର ମହାନଗରରେ ବିଜୁ ଜନତା ଦଳର ୨୪ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ନେତା ଓ କର୍ମୀମାନେ ବିଜୁ ପଟ୍ଟନାୟକ ପାର୍କ, ଦେଶୀ ବେହେରା ବଜାର ଛକ ଓ ଆସିକା ରୋଡସ୍ଥ ତାଲୁକା ଛକରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଧାୟକ ବିକ୍ରମ ପଣ୍ଡା, ରାଜ୍ୟ ବିଜେଡି ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା ଓ ସଂଘମିତ୍ରା ଦଳାଇ, ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ଯୁବନେତା ସୁରେନ୍ଦ୍ର ମହାରଣା, ମହାନଗର ବିଜେଡି ସଭାପତି ବିଜୟ ଚନ୍ଦ୍ର ସାମଲ, ଯୁବ ବିଜେଡି ମହାନଗର ସଭାପତି ଅଜିତ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବିଏମ୍‌ସି ପୂର୍ବତନ ମେୟର କେ. ମାଧବୀ, ମହିଳା ବିଜେଡି ରାଜ୍ୟ ଉପସଭାନେତ୍ରୀ ମମତା ବିଶୋୟୀ, ଜିଲା ସମ୍ପାଦକ ଲକ୍ଷ୍ମୀପ୍ରିୟା ପାଢ଼ୀଙ୍କ ସମେତ ଅନେକ ମହିଳା କର୍ମୀ, ବ୍ରହ୍ମପୁର ପୂର୍ବ ପୌରସଂସ୍ଥାର ପ୍ରାକ୍ତନ ନଗରପାଳ ପି.ଭୀମୁଡୁ, ବିଏମ୍‌ସିର ପୂର୍ବତନ କର୍ପୋରେଟରଗଣ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଜେଡି ଶାସନର ଦୁଇ ଦଶନ୍ଧି ମଧ୍ୟରେ ହୋଇଥିବା ବହୁମୁଖୀ ବିକାଶ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ସମ୍ପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟି ନିମନ୍ତେ ଜିଲା ସଭାପତି ଚ୍ୟାଉ ପଟ୍ଟନାୟକ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ବଡ଼ବଜାର ନିକଟ ଖାସ୍‌ପାସାହିରେ ଏହି ଅବସରରେ ଆୟୋଜିତ ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ୨୫୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

## ଏବିଭିପିର ରାଷ୍ଟ୍ରୀୟ ଅଧିବେଶନ

ବ୍ରହ୍ମପୁର ଅଫିସ,୨୬।୧୨

ନାଗପୁରଠାରେ ଅନୁଷ୍ଠିତ ହୋଇଥିବା ୬୬ତମ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ରାଷ୍ଟ୍ରୀୟ ଅଧିବେଶନ ବ୍ରହ୍ମପୁର ଶାଖା ପକ୍ଷରୁ ଭର୍ଚୁଆଲ ମାଧ୍ୟମରେ ଶନିବାର ଗୋସାଇଁନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଷ୍ଟ୍ରୀୟ ଶିକ୍ଷାନୀତି, ମେଧାବୃତ୍ତି, କ୍ୟାମ୍ପସ୍ ସମସ୍ୟା ଆଦି ଉପରେ ଆଲୋଚନା ହୋଇଥିଲା। ଏବିଭିପି ରାଷ୍ଟ୍ରୀୟ ସଭାପତି ପ୍ରଫେସର ଛଗନ୍ ଭାଇ ପଟେଲ ବିଦ୍ୟାର୍ଥୀ ପରିଷଦର ଲକ୍ଷ୍ୟ ଆଦର୍ଶକୁ ସମସ୍ତ ବିଦ୍ୟାର୍ଥୀଙ୍କ ପାଖରେ ପହଞ୍ଚାଇବା ଭଳି କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ରାଷ୍ଟ୍ରୀୟ ସାଧାରଣ ସମ୍ପାଦିକା ସୁଶ୍ରୀ ନିଧି ତ୍ରିପାଠୀ ନାରୀ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଭର୍ଚୁଆଲ ଅଧିବେଶନରେ ଅଧ୍ୟାପକ ଶିବ ପ୍ରସାଦ ତ୍ରିପାଠୀ ଓ କେ.କ୍ରିଷ୍ଣା ମୂର୍ତ୍ତି ଦାଶ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଭିପି ମହାନଗର ସମ୍ପାଦକ ଦେବାଶିଷ ସାହୁ, ବିଭାଗ ସଂଯୋଜକ କୃଷ୍ଣ ପୋଲାଇ, ଜିଲା ସଂଯୋଜକ ଶକ୍ତିମାନ ଦାଶ, ମହାନଗର ସହ ସମ୍ପାଦକ ସୁଭଦ୍ରା ସାବତଙ୍କ ସମେତ ବିଦ୍ୟାର୍ଥୀ ପରିଷଦର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡ, ୩ ବଖରା ଜଳିଗଲା


ଜଳିଯାଇଥିବା ଘର।

ପାତ୍ରପୁର,୨୬।୧୨(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ବରଙ୍ଗ ପଞ୍ଚାୟତ ଲଙ୍କା ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟି ୩ ପରିବାରର ୩ ବଖରା ପୋଡି ପାଉଁଶ ହୋଇଯାଇଛି। କୌଣସି କାରଣରୁ ଗ୍ରାମର ବିଧବା ମହିଳା ଗୁମୁଡ଼ି କଇରିଙ୍କ ଘରେ ନିଆଁ ଲାଗିବା ପରେ ଗୁମୁଡ଼ି ବିଶ୍ୱନାଥ ଓ ଗୁମୁଡ଼ି ଜାନକୀଙ୍କ ଘରକୁ ବ୍ୟାପି ଯାଇଥିଲା। ଗ୍ରାମବାସୀ ପହଞ୍ଚି ଘର ଭିତରେ ଥିବା ଲୋକଙ୍କୁ ଉଦ୍ଧାର କରିବା ସହ ପାତ୍ରପୁର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲା। ହେଲେ ସେତେବେଳକୁ ଘରେ ଥିବା ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇ ଯାଇଥିଲା। ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବେଳାଭୂମିକୁ ଯାନବାହନ ବନ୍ଦ

ବ୍ରହ୍ମପୁର ଅଫିସ,୨୬।୧୨

ଗୋପାଳପୁର କଲେଜ ଛକରେ ଶନିବାର ପ୍ରଶାସନ ଓ ସ୍ଥାନୀୟ ପୋଲିସର ମିଳିତ ସହଯୋଗରେ ବେଳାଭୂମିକୁ ଯାନବାହନ ଯିବାକୁ ବାରଣ କରାଯିବା ସହ ଜରିମାନା ଆଦାୟ କରାଯାଇଛି। ବେଳାଭୂମିରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏବଂ ବ୍ରିଟେନ୍ ଭୂତାଣୁ ସଂକ୍ରମଣ ରୋକିବା ପାଇଁ ସାଧାରଣ ଲୋକମାନେ ବହୁ ସଂଖ୍ୟାରେ ରୁଣ୍ଡ ହେବାକୁ ବାରଣ କରାଯିବା ସହ ଯାନବାହନ ଚଳାଚଳ ନିଷେଧ କରାଯାଇଛି। ଅମାନିଆଙ୍କଠାରୁ ପୋଲିସ ୨ ହଜାର ଟଙ୍କା ଜରିମାନା ଆଦାୟ କରିବା ସହ ୫ ଡିଏଲ୍ ରଦ୍ଦ କରିଥିବା ଜଣାପଡ଼ିଛି। ଏଥିରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ, ତହସିଲଦାର ତାପସ ରାଉତ, ଏସ୍‌ଆଇ ଜ୍ଞାନ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭଞ୍ଜନଗର,୨୬।୧୨(ଡି.ଏନ.ଏ)

ଭଞ୍ଜନଗର ସହର ନାରାୟଣମନ୍ଦିର ସାହିର ପୂର୍ଣ୍ଣ ରାଜୁଙ୍କ ସ୍ତ୍ରୀ ରିଙ୍କି (୩୧)ଙ୍କ ଝୁଲନ୍ତା ମୃତଦେହ ତାଙ୍କ ଘରୁ ଶନିବାର ଅପରାହ୍ନରେ ପୋଲିସ ଜବତ କରିଛି। ନଂ.୭୮।୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ରିଙ୍କିଙ୍କ ପରିବାର ସଦସ୍ୟ ପୂର୍ବାହ୍ନରେ ଭୋଜି ଖାଇବାକୁ ଯାଇଥିବାବେଳେ ସେ ଏକୁଟିଆ ଘରେ ଥିଲେ। ଅପରାହ୍ନରେ ପରିବାର ଲୋକେ ଫେରି ରିଙ୍କିଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ।


### ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି (ଗଜପତି)
### କପା ବିକ୍ରୟ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ଗଜପତି ଜିଲ୍ଲାର ଗୋଷାଣୀ, ଗୁମ୍ମା, ରାୟଗଡ଼ା ଓ କାଶୀନଗର ବ୍ଲକ ଅଧୀନରେ ଥିବା ସମସ୍ତ କପା ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇଦିଆଯାଉଅଛି ଯେ, ଚଳିତ ୨୦୨୦-୨୧ ବର୍ଷ ପାଇଁ ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି ଦ୍ୱାରା ଆସନ୍ତା ତା୦୯।୧୨।୨୦୨୦ଠାରୁ କପା ବଜାର ପ୍ରାଙ୍ଗଣ, ପାରଳାଖେମୁଣ୍ଡିରେ ସରକାରଙ୍କ ଧାର୍ଯ୍ୟ ଦରରେ କପା CCI ମାଧ୍ୟମରେ କ୍ରୟ ପାଇଁ ବ୍ୟବସ୍ଥା କରାଯାଇଅଛି।

କପା ବିକ୍ରି ପାଇଁ ୨୦୨୦-୨୧ ବର୍ଷ ପାଇଁ ନିର୍ଦ୍ଧାରିତ କପାର ଗୁଣାତ୍ମକ ମାନ (FAQ FOR SEED COTTON) ଓ ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ (କୁଇଣ୍ଟାଲ) ପ୍ରତି

| କ୍ର.ନଂ. | କିସମ | ତନ୍ତୁର ଲମ୍ବା (ମି.ମି.) | ମାଇକ୍ରନିୟର୍ ମାତ୍ରା | ଆର୍ଦ୍ରତା | ସମର୍ଥନ ମୂଲ୍ୟ |
|---|---|---|---|---|---|
| ୧ | ବନ୍ନି/ବ୍ରହ୍ମା | ୨୯.୫-୩୦.୫ | ୩.୫-୪.୩ | ୮% | ୫,୮୨୫/- |
| ୨ | ଏମ.ଇ.ସି.ଏଚ୍. | ୨୭.୫-୨୮.୫ | ୩.୫-୪.୭ | ୮% | ୫,୭୨୫/- |

ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି

ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି


# ଜାନୁୟାରୀରେ ଖୋଲିବ ଶିଶୁ ଉଦ୍ୟାନ

ବ୍ରହ୍ମପୁର ଅଫିସ,୨୬।୧୨


ଅନୁଧ୍ୟାନ କରୁଛନ୍ତି ଉପଜିଲାପାଳ।

ବ୍ରହ୍ମପୁର ଉପଜିଲାପାଳ ତଥା ଗୋପାଳପୁର ଏନ୍‌ଏସି ପ୍ରଶାସନିକ ଅଧିକାରୀ ଭି. କୀର୍ତ୍ତି ଭାସନ୍ ଶନିବାର ଗୋପାଳପୁରରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦାରଖ କରିଥିଲେ। ବେଳାଭୂମିରେ ଥିବା ଶିଶୁ ଉଦ୍ୟାନ, ପାର୍କିଂ, ସଂଯୋଗ କରୁଥିବା ସମସ୍ତ ରାସ୍ତା, ଜବର ଦଖଲରେ ଥିବା ବିଭିନ୍ନ ସ୍ଥାନ, ଏ ୱାନ ଟଏଲେଟ୍ ଆଦି ବୁଲି ଦେଖିବା ସହ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ । ଏହା ଜାନୁୟାରୀରୁ ଖୋଲିବାକୁ ଥିବାରୁ ଶିଶୁ ଉଦ୍ୟାନର ବାକି ଥିବା କାମ ଶୀଘ୍ର ସାରିବାକୁ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମାଶଙ୍କର ସେଠୀଙ୍କୁ କହିଥିଲେ । ବେଳାଭୂମିରେ ଥିବା ପାଦଚଲା ରାସ୍ତାରେ ରହୁଥିବା ଯାନବାହନ ନ ରଖିବା ଲାଗି ହୋଟେଲ ମାଲିକମାନଙ୍କୁ ତାଗିଦ୍ କରିଥିଲେ । ତଦାରଖ ବେଳେ କନିଷ୍ଠ ତହସିଲଦାର ତାପସ ରାଉତ, ରାଜସ୍ୱ ନିରୀକ୍ଷକ ସନ୍ତୋଷ କୁମାର ବିଷୋୟୀ ଓ ଅମିନ ପ୍ରିୟ ରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଉପଜିଲାପାଳଙ୍କ ସହ ଯୋଗାଯୋଗ କରିବାରୁ ଜାନୁୟାରୀ ପ୍ରଥମ ସପ୍ତାହରେ ଶିଶୁ ଉଦ୍ୟାନ ସର୍ବସାଧାରଣଙ୍କ ପାଇଁ ଖୋଲାଯିବ ବୋଲି ସେ କହିଛନ୍ତି ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି
ଜମି, ଛାତ, ଚାଷଜମି, ପ୍ଲଟ୍‌ରେ
4G, 5G ଟାୱାର ଲଗାନ୍ତୁ ।
ଅଗ୍ରିମ 20 ଲକ୍ଷ + ଭଡ଼ା 60
ହଜାର + ବାଇକ୍ + ଲାପ୍‌ଟପ୍ ।
ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା
ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ
ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ
ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894677450
7325861595

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଡରିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

GALLERY TOWER COMPANY
ଦ୍ୱାରା ନିଜର ଖାଲି
ଜମି / ଛାତ / କ୍ଷେତ / ପ୍ଲଟ୍
ରେ 4G/5G
ମଲ୍ଟିମିଡିଆ
ଟାୱାର ଲଗାନ୍ତୁ
ଅଗ୍ରିମ 60000 +
ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କୃଷକ ସଙ୍ଗଠନ ପକ୍ଷରୁ ଧିକ୍କାର ଦିବସ

ବ୍ରହ୍ମପୁର ଅଫିସ,୨୬।୧୨


ଧିକ୍କାର ଦିବସ ପାଳନ କରାଯାଉଛି।

କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ନେଇ ଦିଲୀଠାରେ ଚାଲିଥିବା କୃଷକ ଆନ୍ଦୋଳନକୁ ଏକ ମାସ ପୂରିଛି। ଏ ନେଇ ଅଖିଳ ଭାରତ କିଷାନ ସଂଘର୍ଷ ସମନ୍ୱୟ ସମିତି ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ଡାକରାରେ ସର୍ବବ୍ୟାପୀ ଧିକ୍କାର ଦିବସ ପାଳିତ ହୋଇଛି। ଏହାକୁ ସମର୍ଥନ ଜଣାଇ ଗଞ୍ଜାମ ଜିଲା କୃଷକ ସଂଗଠନ ପକ୍ଷରୁ ଶନିବାର ହିଲ୍‌ପାଟଣାଠାରେ ଧିକ୍କାର ଦିବସ ପାଳନ କରାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସଂଗଠିତ ଓ ଏକତାବଦ୍ଧ କୃଷକ ଆନ୍ଦୋଳନକୁ ଦମନ, ଭଣ୍ଡୁର ଓ ବିଭ୍ରାନ୍ତ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ସଂଗଠନ ଧିକ୍କାର କରିଛି। କୃଷକମାନଙ୍କର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଅମ୍ବାନୀ ଓ ଆଦାନୀ ଭଳି କର୍ପୋରେଟ ସଂସ୍ଥାଙ୍କ ସ୍ୱାର୍ଥ ଓ ମୁନାଫା ପାଇଁ ଅଣାଯାଇଥିବା କୃଷି ଆଇନ ପ୍ରତ୍ୟାହାର ଓ ବିଦ୍ୟୁତ୍ ସଂଶୋଧନ ବିଲ୍ ରଦ୍ଦ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପ୍ରକାଶ କରିଛି। ଏଥିରେ କୃଷକ ନେତା ବିଜୟ ସ୍ୱାଇଁ, ଉଦ୍ଧବ ମହାକୁଡ଼ ଓ କାମଦେବ ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହିଳାଙ୍କ ବେକରୁ ହାର ଝାମ୍ପିନେଲେ

ହିଞ୍ଜିଳିକାଟୁ,୨୬।୧୨(ଡ଼ି.ଏନ୍.ଏ): ହିଞ୍ଜିଳିକାଟୁ ବଇଁଚବଣିଆ ଅଞ୍ଚଳରେ ଜଣେ ମହିଳାଙ୍କ ବେକରୁ ଶନିବାର ମଧ୍ୟାହ୍ନରେ ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ହାର ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ହିଞ୍ଜିଳିକାଟୁ ଶ୍ୟାମଳାଇ ନଗରର ବାସନ୍ତୀ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ବାସନ୍ତୀ ଓ ତାଙ୍କର ଭାଇ ଶେରଗଡ଼ ବ୍ଲକ ଶେରଙ୍କୁଡ଼ା ଗ୍ରାମର ଭଗବାନ ପାଣିଗ୍ରାହୀଙ୍କ ସହ ମଧ୍ୟାହ୍ନ ପ୍ରାୟ ୧୨ରେ ଜଗନ୍ନାଥ ବିହାର ୪ର୍ଥ ଲାଇନରେ ଚାଲିଥିବା ଘରକାମ ଦେଖିବାକୁ ଯାଇଥିଲେ। ସେଠାରୁ ଫେରି ଟିଭିଏସ ଶୋ ରୁମ୍‌ଠାରେ ବାସନ୍ତୀଙ୍କୁ ଛାଡ଼ି ଭାଇ ଭଗବାନ ଶେରାଙ୍କୁଡ଼ା ପଳାଇଥିଲେ। ବାସନ୍ତୀ ଚାଲିଚାଲି ଘରକୁ ଫେରୁଥିବାବେଳେ ବାଇକ୍‌ରେ ୨ଜଣ ହେଲମେଟ ପିନ୍ଧା ବ୍ୟକ୍ତି ଆସି ତାଙ୍କୁ ଧକ୍କା ମାରି ତଳେ ପକାଇଦେବା ସହ ୩ଭରି ଓଜନର ସୁନାହାର ଲୁଟି ନେଇଥିଲେ। ନଂ.୪୬୧/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ନିକଟରେ ଲାଗିଥିବା ଏକ ସିସିଟିଭିରେ ଲୁଟ୍‌ବେଳର ଦୃଶ୍ୟ କଏଦ ହୋଇଥିବାବେଳେ ପୋଲିସ ଏହାକୁ ଜବତ କରି ତଦନ୍ତ ଚଳାଉଛି।

### ବଳାତ୍କାର ଅଭିଯୋଗରେ ଜଣେ ଗିରଫ

ଗୋପାଳପୁର,୨୬।୧୨ - ଗୋପାଳପୁର ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଶନିବାର ଜଣେ ବିବାହିତ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ମାଣ୍ଡିପୁଲିର ବିଜୁ ଦାସ। ବିଜୁଙ୍କ ୩ ବର୍ଷ ହେଲା ନାବାଳିକାଙ୍କ ସହ ସମ୍ପର୍କ ଥିଲା। ବିବାହ ପ୍ରଲୋଭନ ଦେଖାଇ ସେ ତାଙ୍କୁ ବୁଧବାର ଉଠାଇ ନେଇଥିଲେ। ଝିଅକୁ ନ ପାଇ ମା' ବହୁ ଖୋଜାଖୋଜି କରିଥିଲେ। ଝିଅ ଜିତୁ ଘରେ ଥିବା ଜାଣି ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ। ନଂ. ୨୨୩/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଶୁକ୍ରବାର ପୋଲିସ ନାବଳିକାଙ୍କୁ ଉଦ୍ଧାର କରିଥିଲା। ତାଙ୍କୁ ବଳାତ୍କାର କରାଯାଇଥିବା ନାବାଳିକା ଜଣକ ପୋଲିସକୁ କହିଥିଲେ। ମାଣ୍ଡିଆପଲ୍ଲୀ ଗ୍ରାମରେ ସମ୍ପୃକ୍ତ ଯୁବକ ବୁଲୁଥିବା ବେଳେ ପୋଲିସ ତାଙ୍କୁ ଧରିଥିଲା। ଶନିବାର ଉଭୟଙ୍କୁ ଡାକ୍ତରି ମଇନା କରାଯାଇଥିଲା। ୧୬୪ ଧାରା ଅନୁସାରେ ବିଚାର ପତି ସମ୍ମୁଖରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି।

### ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ଶେରଗଡ,୨୬।୧୨(ଡି.ଏନ୍.ଏ.)- ଶେରଗଡ ସ୍ଥିତ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ୧୯୮୬ ମାଟ୍ରିକ୍ ବ୍ୟାଚର ବନ୍ଧୁ ମିଳନ କୁଲାଗଡ ମା' କାଳୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ବହୁ ପୁରାତନ ଛାତ୍ର ଯୋଗଦେଇ ଭାବ ବିନିମୟ ସହ କ୍ୟାରିୟର ସମ୍ପର୍କରେ ଆଲୋଚନା କରିଥିଲେ। ଏକ ସଙ୍ଗଠନ କରିବା ଲାଗି ନିଷ୍ପତି ହୋଇଥିଲା। ଛାତ୍ର ସୁଶାନ୍ତ କୁମାର ସାହୁଙ୍କ ଆବାହକତ୍ୱ ଓ ମନୋଜ କୁମାର ପାଢୀଙ୍କ ସଂଯୋଜନାରେ ବୈଠକରେ ଆଗାମୀ ଦିନ ମାନଙ୍କରେ ସାମାଜିକ ସେବା କରିବାକୁ ଶପଥ ନିଆଯାଇଥିଲା।

# ୨୫ କୋଟି ବ୍ୟୟରେ ମେଡିକାଲ ଭିତ୍ତିଭୂମି ସୁଦୃଢ଼ ହେବ

ଭଞ୍ଜନଗର,୨୬।୧୨(ଡି.ଏନ.ଏ)

ଭଞ୍ଜନଗର ଉପଖଣ୍ଡ ମେଡ଼ିକାଲ ପରିସରରେ ୧୭ କୋଟି ୯୦ଲକ୍ଷ ଟଙ୍କା ବ୍ୟୟରେ ନୂତନ ଭାବେ ଅତ୍ୟାଧୁନିକ ସ୍ୱତନ୍ତ୍ର ପ୍ରସୂତି ଓ ଶିଶୁ ୱାର୍ଡ଼ ଖୋଲିବ। ଏନେଇ ଅର୍ଥ ମଞ୍ଜୁର ହୋଇଛି। ଖୁବ୍‌ଶୀଘ୍ର ତାର କାମ ଆରମ୍ଭ ହେବ। ଏଥିସହ ମେଡ଼ିକାଲର ଅନ୍ୟାନ୍ୟ ଉନ୍ନତିକରଣ ପାଇଁ ପ୍ରାୟ ୭କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ପାଇଁ ଯୋଜନା ଅଛି। ଶନିବାର ଭଞ୍ଜନଗର ଉପଖଣ୍ଡ ମେଡ଼ିକାଲ ରୋଗୀ କଲ୍ୟାଣ ସମିତି ବୈଠକରେ ଅଧ୍ୟକ୍ଷତା କରି ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହା କହିଛନ୍ତି। ଏଥିସହ ସେ କହିଥିଲେ, ଷ୍ଟାଫଙ୍କ ପାଇଁ ନୂତନ କୋଠା ନିର୍ମାଣ, ନୂତନ ସାଇକେଲ ଷ୍ଟାଣ୍ଡ କରାଯିବ। ଏମ୍‌ପି ପାଣ୍ଠିରୁ ଗୋଟିଏ ଆମ୍ବୁଲାନ୍ସ ପାଇଁ ଅନୁରୋଧ କରାଯିବ। ବିଧାୟକ ପାଣ୍ଠିରୁ ୫ଲକ୍ଷ ଟଙ୍କା ବ୍ୟୟରେ ମେଡ଼ିକାଲରେ ପାନୀୟଜଳ ଏବଂ ପରିମଳ ବ୍ୟବସ୍ଥାରେ ସୁଧାର ସହ ହାଇମାଷ୍ଟ ଲାଇଟ୍ ଲାଗିବ ଓ ଖାଲିଥିବା ଡ଼ାକ୍ତରୀ ପଦବୀ ପୂରଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ରୋଗୀ ସଂଖ୍ୟା ବୃଦ୍ଧିକୁ ଦେଖି ଆଗାମୀଦିନରେ ଏଠାରେ ଡ଼ାଇଲେସିସି ବ୍ୟବସ୍ଥା ହେବ, ଫିଜିଓଥେରାପି ବ୍ୟବସ୍ଥା ମଧ୍ୟ ଖୋଲିବ ବୋଲି ବୈଠକରେ ସୂଚନା ଦେଇଥିଲେ।

ମେଡ଼ିକାଲ ଅଧୀକ୍ଷକ ଡ଼. ସୀତାଂଶୁ ଶେଖର ଶତପଥୀ ମେଡ଼ିକାଲର ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ କହିଥିଲେ। ମେଡ଼ିକାଲ ପରିଚାଳକ ବିଚିତ୍ର ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଉନ୍ନତମାନର ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ରୋଗୀ କଲ୍ୟାଣ ସମିତି ସଭ୍ୟା ତଥା ବ୍ଲକ ଅଧ୍ୟକ୍ଷା ବିନ ଦଳବେହେରା, ସରକାରୀ ଓକିଲ ରାଜେନ୍ଦ୍ର ପ୍ରଧାନ, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ରମେଶ ପ୍ରସାଦ ସ୍ୱାଇଁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଡ଼.ଆଲୋକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଏହାପରେ ମନ୍ତ୍ରୀ ସ୍ଥାନୀୟ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ନିକଟରେ ୧ କୋଟି ୩ ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ଉଦ୍‌ଘାଟନ କରିଥିଲେ। ଆୟୋଜିତ ଉତ୍ସବରେ ଉପ ଜିଲାପାଳ ମିଞ୍ଜଙ୍କ ସମେତ ବିଡ଼ିଓ ଅନିଲ କୁମାର ସେଠୀ, ପୂର୍ବତନ ଏନଏସି ଅଧ୍ୟକ୍ଷ ଏମ୍.ତାଜ୍ ଆଦେନୀ, ସୁଧୀର ରଞ୍ଜନ ବେହେରା, ସୁନିତା ଦଳବେହେରା, ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶୁଳପାଣି ଶତପଥି ସଭା ସଂଯୋଜନା କରିଥିଲେ। ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ, ସୁଶାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

ଏହାପରେ ମନ୍ତ୍ରୀ ଜଳସମ୍ପଦ ବିଭାଗ ଡ଼ାକବଙ୍ଗଳା ନିକଟରେ ଥିବା ଆମ୍ବତୋଟାରେ ଆୟୋଜିତ ବିଜେଡ଼ି ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭଞ୍ଜନଗର ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ,ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଜଗନ୍ନାଥପ୍ରସାଦ ବ୍ଲକ ବିଜେଡ଼ି ସଭାପତି ମୋହନ ପ୍ରଧାନ ବିପ୍ର ଚରଣ ବାରିକ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।


ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମେଡ଼ିକାଲ ପରିସରରେ ଭିତ୍ତିଭୂମି ଅନୁଧ୍ୟାନ କରୁଛନ୍ତି।

**୧ କୋଟି ୩ ଲକ୍ଷ ଟଙ୍କା ବ୍ୟୟରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ଉଦ୍‌ଘାଟିତ**

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

କାଶୀନଗର,୨୬।୧୨

କାଶୀନଗର ଥାନା ଅଞ୍ଚଳର ଏକ ଗ୍ରାମରେ ବଡଦିନ ପାଳନ ପାଇଁ ନାଚଗୀତ ଚାଲିଥିବାବେଳେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ପୋଲିସ ପଚରାଉଚରା ଚଳାଇଛି।

ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ଶୁକ୍ରବାର ସନ୍ଧ୍ୟାରେ କରୋନା କଟକଣା ଉଲ୍ଲଂଘନ କରି ବଡଦିନ ପାଇଁ ନାଚଗୀତର ଆୟୋଜନ କରିଥିଲେ। ଯେଉଁମାନେ ଇଚ୍ଛୁକ ଯୋଗଦେବାକୁ ଡାକବାଜି ଯନ୍ତ୍ରଦ୍ୱାରା ଗ୍ରାମରେ ପ୍ରଚାର କରାଯାଇଥିଲା। ସମ୍ପୃକ୍ତ ନାବାଳିକା (୭ବର୍ଷ) ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଡିଜେ ବାଜିବା ସହ ନାଚଗୀତର ଆସର ଜମିଥିଲା। ରାତି ପ୍ରାୟ ସାଢେ ୮ଟାରେ ସମ୍ପୃକ୍ତ ନାବାଳିକାଙ୍କୁ ଡିଜେ ବଜାଇବାକୁ ଆସିଥିବା ନାବାଳକ ପାଟି ବନ୍ଦ କରି ଲାଟିନ୍ ଭିତରକୁ ନେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ଭାଇ ପହଞ୍ଚିବାରୁ ସେ ଛାଡି ପଳାଇଥିଲେ। ନଂ.୧୨୫/୨୦ରେ ମାମଲା ରୁଜୁକରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୁଶାନ୍ତ ସାହୁ କହିଛନ୍ତି।

# ବ୍ୟଞ୍ଜନ ଦ୍ୱାଦଶୀ ଭୋଗ ଲାଗି

ଜି.ଉଦୟଗିର. ୨୬।୧୨(ଡି.ଏନ.ଏ.)

ଜି.ଉଦୟଗିରି ଡସାହୀ ବାଙ୍କବିହାରୀ ମଠରେ ବ୍ୟଞ୍ଜନ ଦ୍ୱାଦଶୀରେ ୪୫ ପ୍ରକାର ବ୍ୟଞ୍ଜନ ଭୋଗ ଲାଗି ହୋଇଛି। କୃପାସିନ୍ଧୁ ମହାରାଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବ୍ୟଞ୍ଜନ ପ୍ରସ୍ତୁତରେ ସହଯୋଗ କରିଥିଲେ ଶଙ୍କରାନନ୍ଦ ପାଳ। କରୋନା କଟକଣାରୁ ଚଳିତ ବର୍ଷ ନିରାଡମ୍ବରରେ ପାଳନ କରାଯାଇଛି।


ବ୍ୟଞ୍ଜନ ଭୋଗ।

# ଗ୍ରାମାଞ୍ଚଳର ବିକାଶ ଦାବିକଲା ଉନ୍ନୟନ ପରିଷଦ

ଫୁଲବାଣୀ ଅଫିସ, ୨୬।୧୨

କନ୍ଧମାଳ ଜିଲା ଫୁଲବାଣୀ ଓ ଖଜୁରିପଡା ବ୍ଲକର ଅବହେଳିତ ଗ୍ରାମର ବିକାଶ ଦାବି କରିଛି ଆଞ୍ଚଳିକ ଉନ୍ନୟନ ପରିଷଦ। ଏ ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପ୍ରେରଣ କରାଯାଇଛି।

ଫୁଲବାଣୀ ବ୍ଲକର କଲାଡି, ଘୋଡାଗାଡୁ, ଭୁଲ୍ଲାକନାଳୀ, ବଡଭୂଇଁ ଦେଇ ଖଜୁରିପଡା ବ୍ଲକ ଦଳପଡା ଗ୍ରାମ ଓ ଚକାପାଦ ବ୍ଲକର ଲାଇନପଡା ଗ୍ରାମକୁ ସଂଯୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଏକ ରାସ୍ତା ନିର୍ମାଣ କରାଯାଉଛି। ଦୀର୍ଘଦିନ ହେଲା କାମ ଆରମ୍ଭ ହୋଇଥିଲେ ମଧ୍ୟ ଏଯାଏ ସରୁନାହିଁ। ଏଥିସହ ଅତ୍ୟନ୍ତ ନିମ୍ନମାନର କାମ ହେଉଥିବା ଅଭିଯୋଗ ହୋଇଛି।

ଏଥିସହ ଉକ୍ତ ଅଞ୍ଚଳକୁ ପୂର୍ବରୁ ପିଲାସାଲୁଙ୍କି ଡ୍ୟାମରୁ କେନାଲ ଯୋଗେ ଜଳସେଚନ ସୁବିଧା ମିଳୁଥିଲା। ପର୍ଯ୍ୟାୟକ୍ରମେ ଏହା ପୋତି ହୋଇଯିବାରୁ ଆଉ ଠିକ୍ ଭାବେ ପାଣି ଆସୁନାହିଁ, ଚାଷୀ କୂଳ କ୍ଷତିଗ୍ରସ୍ତ ହେଉଛି। ଏହାକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ସାମିଲ କରାଯାଇ ମରାମତି କରାଗଲେ ଚାଷୀ ଓ ସାଧାରଣ ଲୋକେ ଉପକୃତ ହେବେ। ସେହିପରି ସଂସ୍କୃତି ସମ୍ପନ୍ନ ବଡଭୂଇଁ ଗ୍ରାମକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ମଧ୍ୟ ଦାବି କରାଯାଇଛି। ଆତ୍ମନିର୍ଭରଶୀଳ ହେବାକୁ ଗ୍ରାମାଞ୍ଚଳର ଯୁବତୀ ଯୁବକଙ୍କ ପାଇଁ ବିଭିନ୍ନ ତାଲିମ ଭିତ୍ତିକ କାର୍ଯ୍ୟକ୍ରମ, ଶିଆଳି ଖଲି ପ୍ରସ୍ତୁତି, ଶାଳ ଖଲି ଦନା ପ୍ରସ୍ତୁତି, କାଗଜ ଠୁଙ୍ଗା, କିଚେନ ଗାର୍ଡେନ ସମ୍ପର୍କରେ ତାଲିମ ଦେଲେ ସ୍ୱାବଲମ୍ବୀ ହୋଇପାରିବେ। ଜିଲା ପ୍ରଶାସନ ପକ୍ଷରୁ ଚାଲିଥିବା ମିଶନ ୧୭୧ କାର୍ଯ୍ୟକ୍ରମ, ମାଛ ଚାଷ ଉପରେ ଅବଗତ କରାଗଲେ ଲୋକେ ଅଧିକ ଲାଭବାନ ହୁଅନ୍ତେ। ନିର୍ମାଣ ଚାଲିଥିବା କନ୍ଧମାଳ ଫ୍ରେଶ୍ ଗୃହ ତୁରନ୍ତ ସାରି ଚାଲୁ କରାଗଲେ ଅଞ୍ଚଳର ଚାଷୀ ପନିପରିବା, ଫଳ ଆଦି ଉତ୍ପାଦନ କରି ଉପକୃତ ହୋଇ ପାରିବେ ବୋଲି ପରିଷଦ ସଭାପତି ଦିଲ୍ଲୀପ କୁମାର ସାହୁ, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି କରିଛନ୍ତି।

## ସିଦ୍ଧ ବିନାୟକ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଦିଗପହଣ୍ଡି,୨୬।୧୨(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କୁଶପଡ଼ା ଗ୍ରାମ ନିକଟ କମାପଡ଼ିଆଠାରେ ୯ ଦିନ ଧରି ଚାଲିଥିବା ସିଦ୍ଧ ବିନାୟକ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଦିଗପହଣ୍ଡି କ୍ରିକେଟ ଟିମ୍‌କୁ ୫ ଉଇକେଟରେ ହରାଇ ଅନଙ୍ଗପୁର ଗ୍ରାମର କ୍ରିକେଟ୍ ଟିମ ଟ୍ରଫି ହାତେଇବା ସହ ଚାମ୍ପିୟନ ହୋଇଛି। ଦିଗପହଣ୍ଡି ଟିମ୍ ପ୍ରଥମେ ବ୍ୟାଟିଂ କରି ଅଧିନାୟକ ଗୁଡ୍ଡୁ ବାରିକ ଅପରାଜିତ ୫୬ ରନ ଜରିଆରେ ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ବିନିମୟରେ ୧୦୧ ରନ କରିଥିଲା। ଜବାବରେ ଅନଙ୍ଗପୁର ଟିମ୍ ୧୦ ଓଭରରେ ୫ ଉଇକେଟ ହରାଇ ୧୦୬ ରନ କରି ବିଜୟୀ ହୋଇଥିଲା। ଉଦଯାପନୀ ଉତ୍ସବରେ ଦିଗପହଣ୍ଡି ବ୍ଲକ ଉପାଧ୍ୟକ୍ଷା ପ୍ରତିନିଧି ଏମ୍.ନିରଞ୍ଜନ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୁଶପଡ଼ା ସରପଞ୍ଚ ପ୍ରତିନିଧି ଏସ୍.ଗାନ୍ଧୀ ଦୋରା, ନାଏବ ସରପଞ୍ଚ ପ୍ରତିନିଧି ଆର୍.ଦେବହରୀ ଦୋରା, ସାମାଜିକ କର୍ମୀ ଏମ୍.ବାଲାଜୀ ରେଡ୍ଡୀ, ଜି.ସନ୍ତୋଷ ଦୋରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଉଭୟ ଦଳର ଖେଳାଳୀମାନଙ୍କୁ ପୁରସ୍କୃତ କରିଥିଲେ। ଅନଙ୍ଗପୁର ଟିମ୍‌ର କିରଣ ବେହେରା ମ୍ୟାନ ଅଫ୍ ଦି ମ୍ୟାଚ ଓ ଦିଗପହଣ୍ଡି ଟିମ୍‌ର ଅଧିନାୟକ ଗୁଡ୍ଡୁ ବାରିକ ମ୍ୟାନ ଅଫ୍‌ଦିସିରିଜ ବିବେଚିତ ହୋଇଥିଲେ।

# ଅସହାୟଙ୍କୁ ସହାୟତା ପ୍ରଦାନ



ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଉଛି।

ଖଜୁରିପଡ଼ା,୨୬।୧୨(ଡି.ଏନ.ଏ.)

ଖଜୁରିପଡ଼ା ବ୍ଲକ ସୁଡୁକୁମ୍ପା ଓ ବିଲାବାଡ଼ିର ଅପହଞ୍ଚରେ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏଥିରେ ଶତାଧିକ ବୃଦ୍ଧ, ବୃଦ୍ଧା ଓ ଦିବ୍ୟାଙ୍ଗ ବ୍ୟକ୍ତି ଉପକୃତ ହୋଇଛନ୍ତି। ସାମାଜିକ କର୍ମୀ ବୈଦ୍ୟନାଥ ବେହେରାଙ୍କ ନେତୃତ୍ୱରେ ବରିଷ୍ଠ ନାଗରିକ ମାତାଦିନ ଅଗ୍ରୱାଲ ଓ ସ୍ତ୍ରୀ ଗୋଦାବରୀଙ୍କ ସହାୟତାରେ ଆୟୋଜିତ କାର୍ଯ୍ୟକ୍ରମରେ ସାନ ଭାଇ ରାଧାଶ୍ୟାମ ଅଗ୍ରୱାଲ, ପୁଅ ସରୋଜ ଅଗ୍ରୱାଲ ଏବଂ ଗିରିଜା ଶଙ୍କର ପଟ୍ଟନାୟକଙ୍କ ପରିଚାଳନା କରିଥିଲେ। ସୁଡୁକୁମ୍ପା ପଞ୍ଚାୟତର ଅପହଞ୍ଚ ଗ୍ରାମ ଜାଣମେଣି, ଜକ୍ରେଜୁ, କାଳିଆମ୍ବା, ସୁଡୁକୁମ୍ପା, ନେଡ଼ିଗୁଡ଼ା, ମଳିକସାହି, ନୂଆସାହି ଭଳି ୭ ଖଣ୍ଡ ଗ୍ରାମରେ ଅସହାୟଙ୍କୁ କମଳ ବଣ୍ଟନ କରାଯାଇଥିଲା।। ସେହିଭଳି ଶୁକ୍ରବାର ଅପହଞ୍ଚ ବିଲାବାଡ଼ି ପଞ୍ଚାୟତର କାକେନ୍ଦ୍ରୀ, ପକଡ଼େଇ, ପାଣିସାଳ, କୁରୁମୁଣି, ଡଙ୍ଗା, ସିକାଡି, କିଲୁ, ଡୁଗୁଡ଼ା, ବାନ୍ଧନପାଜୁ, ମହାପାତ୍ରବସା, ବିଲାବାଡିଭଳି ୧୧ ଗ୍ରାମର ଅସହାୟଙ୍କୁ କମଳ ବଣ୍ଟନ କରାଯାଇଛି।

# ନିମ୍ନମାନର ରାସ୍ତା କାମ ନେଇ ଅସନ୍ତୋଷ

ଗଞ୍ଜାମ,୨୫।୧୨(ଡି.ଏନ.ଏ.)

ଗଞ୍ଜାମ ସହରର ସୌନ୍ଦର୍ଯ୍ୟକରଣ ପାଇଁ ବିଞ୍ଝଣାପଲ୍ଲୀ ଛକଠାରୁ ଦାମୋଦରପୁର ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱ ରାସ୍ତା ସମ୍ପ୍ରସାରଣ କାମ ଚାଲିଛି। ୬.୭୦ କୋଟି ଟଙ୍କା ବ୍ୟୟ ଅଟକଳରେ ରାସ୍ତାକାମ ପୂର୍ତ୍ତ ବିଭାଗ ନେଇଛି। ମେ' ୨୦୨୦ରେ କାମ ସରିବା କଥା ଏଯାଏ ସରିନି। ଏହାସହ ନିମ୍ନମାନର କାମ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗତ ୩ଦିନ ତଳେ ପିଚୁ ପଡ଼ିଥିବା ବେଳେ ନିମ୍ନମାନ କାମ ଯୋଗୁ ଗୋଡି ଉଠିଯାଇଛି। ଅନ୍ୟପଟେ ଗାର୍ଡୱାଲ ନିର୍ମାଣରେ ମଧ୍ୟ ଅନିୟମିତତା ହୋଇଥିବା ବିଗତ ଦିନରେ ଲୋକେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଦାୟିତ୍ୱରେ ଥିବା ଟି.ଲୋକେଶ କହିଛନ୍ତି, ପିଚୁ ପଡିବା ସଙ୍ଗେସଙ୍ଗେ ଗାଡି ଚଳାଚଳ କରିବାରୁ ଏପରି ହୋଇଛି। ରୋଡ୍‌ବ୍ଲକ୍ କରି ପିଚୁ ପକାଯିବାକୁ ଆଲୋଚନା ଚାଲିଛି।


**ପିଚୁ ପଡିବାର ଦୁଇଦିନରେ ଉଠିଗଲା ଗୋଡ଼ି**

ନିର୍ମାଣାଧୀନ ରାସ୍ତା।

# ସୂଚନା ନ ପାଇ ଚାଷୀ ନିରାଶ

ଗୋପାଳପୁର,୨୬।୧୨

**ଅଧିକାରୀଙ୍କ ଦେଖା ମିଳୁନି**

ସରକାର କୃଷି ଓ କୃଷକମାନଙ୍କ ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ କେତେଜଣ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ରଙ୍ଗେଇଲୁଣ୍ଡା ବ୍ଲକ କୃଷି କାର୍ଯ୍ୟାଳୟରୁ କୃଷକମାନେ ସରକାରୀ ସୂଚନା ପାଇପାରୁନାହାନ୍ତି। ଉକ୍ତ କାର୍ଯ୍ୟାଳୟକୁ କୌଣସି କର୍ମଚାରୀ ଠିକ୍ ସମୟରେ ଆସୁନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଗ୍ରାମସେବକ ମଧ୍ୟ କାଗଜକଲମରେ କାମ କରୁଛନ୍ତି। ତେବେ କିଛି ନିର୍ଦ୍ଦିଷ୍ଟ ଚାଷୀଙ୍କୁ ହିଁ ନଳକୂପ କିମ୍ବା ସବ୍‌ସିଡି ସମେତ ଅନ୍ୟାନ୍ୟ ଯୋଜନାରେ ସାମିଲ କରାଯାଉଛି। ଗୋଳନ୍ଥରା ଗ୍ରାମର ଭଗବାନ ଜେନା କହିଛନ୍ତି, ନୂତନ ଯୋଜନା ଆସିଲେ ସୂଚନା ଦିଆଯାଉ ନାହିଁ, ଉଚ୍ଚ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ସୁଫଳ ମିଳୁନି। ଚାଷୀ ନିର ଗୌଡ଼ କହିଛନ୍ତି, କାର୍ଯ୍ୟାଳୟକୁ ଗଲେ ପିଅନ ରହିଥାନ୍ତି, ଅଧିକାରୀ ଫିଲ୍ଡକୁ ଯାଇଛନ୍ତି ବୋଲି କୁହନ୍ତି। ପଞ୍ଚାୟତ ସମିତି ବୈଠକରେ ଅଭିଯୋଗ ପରେ ମଧ୍ୟ ସମାଧାନ ହେଉନାହିଁ। ବ୍ଲକ କୃଷି ଅଧିକାରୀ ବନମାଳୀକରଙ୍କୁ ମୋବାଇଲ୍ ନଂ. ୯୪୩୭୨୪୦୨୮୬ରେ ଯୋଗାଯୋଗ କରିଥିଲେମଧ୍ୟସେଫୋନ୍‌ଉଠାଇନଥିଲେ।

# ପ୍ରତିଷ୍ଠା ଦିବସରେ ୨ ଗୋଷ୍ଠୀର ଶକ୍ତି ପ୍ରଦର୍ଶନ

ଦିଗପହଣ୍ଡି,୨୬।୧୨(ଡି.ଏନ.ଏ.)

- ଦିଗପହଣ୍ଡିରେ ବିଜେଡି ଦୁଇଫାଳ
- ସଭା ବର୍ଜନ କଲେ ଏନ୍‌ଏସି ଯୁବ ବିଜେଡି ସଭାପତି

ଦିଗପହଣ୍ଡିରେ ଶନିବାର ବିଜେଡିର ପ୍ରତିଷ୍ଠା ଦିବସରେ ୨ ଗୋଷ୍ଠୀଙ୍କ ପକ୍ଷରୁ ସମାନ୍ତରାଳ ସଭା, ଶୋଭାଯାତ୍ରା କରାଯାଇଥିଲା। ଉଭୟ ଗୋଷ୍ଠୀ ଶକ୍ତି ପ୍ରଦର୍ଶନ ପାଇଁ ପ୍ରତିଯୋଗିତା କରିଥିଲେ। ଫଳରେ ବିଜେଡି ଦୁଇଫାଳ ହୋଇଥିବା ନେଇ ଚର୍ଚ୍ଚା ହୋଇଥିଲା। ସ୍ଥାନୀୟ ଘୋଡାହାଡ଼ ପାଣି ପଞ୍ଚାୟତ ସଭା ଗୃହରେ ନିର୍ଦ୍ଦିଷ୍ଟ ଗୋଷ୍ଠୀ ସଭାର ଆୟୋଜନ କରିଥିଲେ। ଏଥିରେ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ ପ୍ରତିନିଧି ଏମ୍.ନିରଞ୍ଜନ ରେଡ୍ଡୀ, ବିଜେଡି ଗଞ୍ଜାମ ଜିଲା କମିଟି ସମ୍ପାଦକ ବି.କ୍ରିଷ୍ଣା ରାଓ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ସଭା ପୂର୍ବରୁ ସ୍ଥାନୀୟ ପୁଞ୍ଜିକିଆଁ ଛକରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ସେହିପରି ଦିଗପହଣ୍ଡି ନଗର ବିଜେଡି ପକ୍ଷରୁ ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡଠାରେ ଆୟୋଜିତ ସଭାରେ ନଗର ବିଜେଡି ସଭାପତି ଲକ୍ଷ୍ମୀ ନୃସିଂହ ମାର୍ଥା ଅନୁପସ୍ଥିତିରେ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଭି.ରବି ନାରାୟଣ ରାଜୁ, ହୃଦୟ ରଞ୍ଜନ ମେକାପ, ପ୍ରାକ୍ତନ କାଉନସିଲର ନିରୁପମା ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାରେ ଯୁବ ବିଜେଡି ସଭାପତି ପ୍ରଦୀପ୍ତ ପଟ୍ଟନାୟକ, ଏନ୍‌ଏସିର ଏମ୍.ପି ପ୍ରତିନିଧି, ବିଧାୟକ ପ୍ରତିନିଧି, ମହିଳା ବିଜେଡି ନଗର ସଭାନେତ୍ରୀ ଶିବଲକ୍ଷ୍ମୀ ପଟ୍ଟନାୟକଙ୍କ ସମେତ ପୂର୍ବତନ କାଉନସିଲର ଅନୁପସ୍ଥିତ ଥିଲେ। ବିଜେଡିର ଦୁଇଟି ସଭା କରାଯାଇଥିବାରୁ ଅନେକ ନେତା କୌଣସି ସଭାକୁ ନ ଯାଇ ଦୂରେଇ ରହିଥିଲେ। ଏ ନେଇ ଦିଗପହଣ୍ଡି ଯୁବ ବିଜେଡି ସଭାପତିଙ୍କୁ ପଚାରିବାରୁ ନେତୃତ୍ୱ ଓ ପଦପଦବୀ ପାଇଁ ବିଜେଡିରେ ପ୍ରତିଯୋଗିତା ଚାଲିଛି। କିଛି ବ୍ୟକ୍ତି ଦଳରେ ବିଭେଦ ସୃଷ୍ଟି କରୁଛନ୍ତି। ତାଙ୍କୁ ଅସମ୍ମାନ କରାଯିବା କାରଣରୁ ସେ ଏବଂ ତାଙ୍କ ସମର୍ଥକ ସଭା ବର୍ଜନ କରିଥିବା କହିଛନ୍ତି।


ପୁଞ୍ଜିକିଆଁ ଛକ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ବିଜେଡ଼ିର ନିର୍ଦ୍ଦିଷ୍ଟ ଗୋଷ୍ଠୀର ନେତୃବୃନ୍ଦ।

# ବିଭିନ୍ନ ସ୍ଥାନରେ ବିଜେଡିର ୨୪ ତମ ପ୍ରତିଷ୍ଠା ଦିବସ

ଛତ୍ରପୁର,୨୬।୧୨(ଡି.ଏନ୍.ଏ.)


ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

ଛତ୍ରପୁର ଉପକଣ୍ଠ ତାମ୍ପରା ହ୍ରଦ ନିକଟରେ ବିଜେଡିର ୨୪ତମ ପ୍ରତିଷ୍ଠା ଦିବସ ଶନିବାର ପାଳନ କରାଯାଇଛି। ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ କୃଷି ବିପନ ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା ଏବଂ ଜିଲା ବିଜେଡି ସଭାପତି ତଥା ବ୍ରହ୍ମପୁର ପୂର୍ବତନ ବିଧାୟକ ଡ଼. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ୨୪ ବର୍ଷ ଭିତରେ ଦଳ ଲୋକଙ୍କ ପସନ୍ଦର ହୋଇପାରିଛି ଏବଂ କରୋନା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟ ବିଶ୍ୱସ୍ତରରେ ପହଞ୍ଚି ପାରିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସଭାନେତ୍ରୀ ସଂଘମିତ୍ରା ଦଳାଇ, ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ପ୍ରଶାନ୍ତ କୁମାର ପଣ୍ଡା ଏବଂ ରାଜ୍ୟ ବିଜୁ ଛାତ୍ର ଉପସଭାପତି ଭବାନୀକାନ୍ତ ସାହୁ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଜିଲା ପରିଷଦ ସଭ୍ୟ ଏସ. କିଶୋର ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

**ଗଞ୍ଜାମ:** ଗଞ୍ଜାମ ଏନ୍‌ଏସି ବିଜେଡି ପକ୍ଷରୁ ଶନିବାର ୨୪ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଦଳୀୟ ନେତା ଓ କର୍ମୀ ଶୋଭାଯାତ୍ରାରେ ବାହାରି ସାମନ୍ତରା ସାହିସ୍ଥିତ ବିଜୁ ପଟ୍ଟନାୟକ ମାର୍ଗଠାରେ ପହଞ୍ଚି ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ପୂର୍ବତନ କାଉନସିଲର ଦଣ୍ଡପାଣି ପରିଡ଼ା, ପୂର୍ବତନ ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାଢ଼ୀ, ରାକେଶ ରଞ୍ଜନ ଦାସ, ଲକ୍ଷ୍ମୀ ପାଢ଼ୀ, ନିରଞ୍ଜନ ପରିଡ଼ା, ନୀଳାଞ୍ଚଳ ବାରିକି, ଅବିନାଶ ବେହେରା, ମନୋଜ ପ୍ରଧାନ, ଜିତୁ ପଣ୍ଡା, ରାଜୁ ରେଡି ପ୍ରମୁଖ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

**ଆସିକା:** ଆସିକା ବିଧାନ ସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଶନିବାର ବିଜେଡିର ୨୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ପୂର୍ବାହ୍ନରେ ବିଜୁ ପଟ୍ଟନାୟକ ଛକ ଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ନିରାଶ୍ରୟଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଅପରାହ୍ନରେ ଆସିକା ଟାଉନ୍ ହଲ୍ ଠାରେ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଳିକ, ଏମ୍‌ପି ପ୍ରତିନିଧି ସୁରଥ ପ୍ରଧାନ, ଜିଲା ଯୁବ ବିଜେଡି ସଭାପତି ଲଚିକେତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

**ପରାଲଖେମୁଣ୍ଡି:** ପାରଳାଖେମୁଣ୍ଡିଠାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲା ସଭାପତି ପ୍ରଦୀପ କୁମାର ନାୟକ, ରାଜକୁମାରି କଲ୍ୟାଣୀ ଦେବୀ, ବସନ୍ତ କୁମାର ଦାସ, ନଗର ସଭାପତି ସୂର୍ଯ୍ୟ ନାରାୟଣ ରାଜଗୁରୁ, ମାରୁତି ପାଳ, ଲକ୍ଷ୍ମୀକାନ୍ତ ପରିଛା, ଯୁବ ସଭାପତି ଏସ୍. ଲିଙ୍ଗରାଜ, ବିଶ୍ୱଜିତ୍ ତ୍ରିପାଠୀ, ସଂଯୁକ୍ତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟାର୍ପଣ, ପାରଳା ମହାରାଜା ସ୍ୱର୍ଗତ କୃଷ୍ଣଚନ୍ଦ୍ର ଗଜପଥୀ ଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା।



**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁର ରଥସାହି ଜଗନ୍ନାଥ ମନ୍ଦିର ପରିସରରେ ପୂର୍ବତନ ନଗରପାଳ ବାସୁଦେବ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ସମେତ ଜିଲା ପରିଷଦ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା, ବ୍ଲକ ଅଧ୍ୟକ୍ଷା ସୂର୍ଯ୍ୟ ନାରାୟଣ ପଣ୍ଡା, ବ୍ଲକ ବିଜେଡି ସଭାପତି ଦିଗାମର ପାଣିଗ୍ରାହୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାଉରି ପଣ୍ଡାଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

**ପୋଲସରା:** ପୋଲସରା ବସଷ୍ଟାଣ୍ଡ ପରିସରରେ ଶନିବାର ବିଜେଡିର ୨୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିକାଶମୂଳକ ଉନ୍ନୟନ କାର୍ଯ୍ୟର ସଫଳତା ଉପରେ କହିଥିଲେ। ଏହି ଅବସରରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ରକ୍ତଦାନ ଶିବିର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଓ ଲିଙ୍ଗରାଜ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଶିବିର ଦ୍ୱୟରେ ଜୀବନବିନ୍ଦୁର ଜିଲା ସଂଯୋଜକ ସୁବାସ ମହାରଣା ଉପସ୍ଥିତ ଥିଲେ। ଶିବିରରେ ମୋଟ ୩୨୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ପ୍ରତିଷ୍ଠା ଦିବସ ଅବସର ବୁଗୁଡା ବ୍ଲକ ବିଜେଡି ସଭାପତି ମଦନମୋହନ ଦୋରା ସଭାପତିତ୍ୱ କରିଥିଲେ। ଟିଙ୍ଗିପଡ଼ା ଶାସନ, ମରେଇପଲ୍ଲୀ, ବାଦୁଆ, ଗୋଳିଆ ଅଞ୍ଚଳର ବହୁ ସଂଖ୍ୟକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ଓ ବିଜେଡି ନେତୃବୃନ୍ଦ।

